ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ପରିଚାଳନା ସମିତିର ପୁନର୍ଗଠନ

ଭୁବନେଶ୍ୱର, ୦୨/୦୨/୨୦୧୯

ସରକାର ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ପରିଚାଳନା ସମିତିର ପୁନର୍ଗଠନ କରିଛନ୍ତି । ଏକାଡେମୀର ନିୟମ(ବାଇ-ଲ) ୬ ଓ ୧୧ ଅନୁସାରେ ଏହି ଏକାଡେମୀରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ସଭାପତି, କମିଶନର ତଥା ଶାସନ ସଚିବ ଉପସଭାପତି ରହିବେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ନିର୍ଦ୍ଦେଶକ (ଏସ୍‌ଟି), ଏସ୍‌ସିଏସ୍‌ଟିଆର୍‌ଟିଆଇ, ଭୁବନେଶ୍ୱରର ନିର୍ଦ୍ଦେଶକ, ଓଡ଼ିଶା ସରକାରଙ୍କର ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ଭାରତ ସରକାରଙ୍କର ଜାତୀୟ ଅନୁସୂଚିତ ଜାତି ଆୟୋଗର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରର ନିର୍ଦ୍ଦେଶକ, କୋରାପୁଟର ସାଂସଦ ଶ୍ରୀ ଝିନ ହିକକା, ଚିତ୍ରକୋଣ୍ଡାର ବିଧାୟକ ଶ୍ରୀ ଡମ୍ବରୁ ଶିଶା, ଏସ୍‌ସିଏସ୍‌ଟିଆର୍‌ଟିଆଇର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ମିସ୍ ଫ୍ଲୋରେନ୍‌ସିଆ ବାରା, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଶ୍ରୀ ହାଡ଼ିବନ୍ଧୁ ସିଂହ ସର୍ଦ୍ଦାର, ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ପ୍ରଫେସର ଓ ମୁଖ୍ୟ ପ୍ରଫେସର ମେରି ବାଘେ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ସଦସ୍ୟ ସଚିବ ସଦସ୍ୟ ଭାବେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀରେ ଦାୟିତ୍ୱ ନିର୍ବାହ କରିବେ ।

ଏକାଡେମୀର ସାଧାରଣ ପରିଷଦର ଆଗାମୀ ବୈଠକରେ ପରିଚାଳନା ସମିତିକୁ ସ୍ୱୀକୃତି ପ୍ରଦାନ କରାଯିବ । ଏହି ନୂତନ ପରିଚାଳନା ସମିତି ୩ ବର୍ଷ ନିମନ୍ତେ କାର୍ଯ୍ୟ କରିବ ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଶ୍ରୀ ରମେଶ ଚନ୍ଦ୍ର ମାଝୀ ପ୍ରକାଶ କରିଛନ୍ତି ।

ଡକ୍ଟର ଜ୍ୟୋତିର୍ମତୀ ସାମନ୍ତରାୟ
ସୂଚନା ଅଧିକାରୀ